ଦୀପକ ଜୈନ

ବନାମ

ଚାରୁ ଜୈନ

ମାର୍ଚ୍ଚ 14,2007

[ଡକ୍ଟର ଏ. ଆର୍. ଲକ୍ଷ୍ମଣନ ଏବଂ ଅଲତମାସ କବୀର, ନ୍ୟାୟମୂର୍ତ୍ତିଦ୍ୱୟ]

*ହିନ୍ଦୁ ବିବାହ ଅଧିନିୟମ, 1956:*

*ଧାରା 24- ମଧ୍ୟବର୍ତ୍ତୀକାଳୀନ ଭରଣପୋଷଣ- ନିର୍ଣ୍ଣୟ ହୋଇଥିଲା, ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିଶ୍ଚିତ କରାଯାଇଥିବା ବିଚାର କରୁଥିବା ନ୍ୟାୟାଳୟଙ୍କ ଆଦେଶ, ଯେଉଁଥିରେ ମଧ୍ୟବର୍ତ୍ତୀକାଳୀନ ଭରଣପୋଷଣ ପାଇଁ ମାସିକ 12,000 ଟଙ୍କା ଏବଂ ମକଦ୍ଦମା ଖର୍ଚ୍ଚ ବାବଦକୁ 11,000 ଟଙ୍କା ପ୍ରଦାନ କରିବା ପାଇଁ ମଞ୍ଜୁରୀ ଦିଆଯାଇଛି, ତାହା ତ୍ରୁଟିପୂର୍ଣ୍ଣ ନୁହେଁ ।*

**ହିନ୍ଦୁ ବିବାହ ଅଧିନିୟମ, 1956ର ଧାରା 24 ଅନୁଯାୟୀ ଏକ ଆବେଦନରେ ଅତିରିକ୍ତ ଜିଲ୍ଲା ବିଚାରପତିଙ୍କ ଆଦେଶକୁ ନିଶ୍ଚିତ କରି ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବିରୁଦ୍ଧରେ ତୁରନ୍ତ ଆବେଦନ ଦାୟର କରାଯାଇଥିଲା, ଯେଉଁଥିରେ ପ୍ରତି ମାସରେ 12,000 ଟଙ୍କା ହାରରେ ମଧ୍ୟବର୍ତ୍ତୀକାଳୀନ ଭରଣପୋଷଣ ଏବଂ 11,000 ଟଙ୍କା ମକଦ୍ଦମା ଖର୍ଚ୍ଚ ପ୍ରଦାନ କରାଯାଇଥିଲା ।**

**ଆବେଦନକୁ ଖାରଜ କରି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ : ଆପତ୍ତି ଅଧୀନରେ ଥିବା ଆଦେଶରେ କୌଣସି ତ୍ରୁଟି ନାହିଁ । ଉତ୍ତରଦାତାଙ୍କୁ ପ୍ରତିମାସରେ 8000 ଟଙ୍କା ଦେବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇ 17.2.2006ରେ ଏହି ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ମଧ୍ୟବର୍ତ୍ତୀକାଳୀନ ଆଦେଶ ବାତିଲ ହୋଇଛି । ଆବେଦନକାରୀ ସମ୍ପୂର୍ଣ୍ଣ ବଳକା ରାଶି ଉତ୍ତରଦାତାଙ୍କୁ ଦେବେ ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1404/2007 ।

CM ( M) ସଂଖ୍ୟା 1720/2004ରେ ନୂଆଦିଲ୍ଲୀର ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର 10.1.2006 ତାରିଖର ରାୟ ଏବଂ ଆଦେଶରୁ ।

ସହିତ

ଅବମାନନା ଆବେଦନ ସଂଖ୍ୟା (C) ସଂଖ୍ୟା 221/2006 ।

ଆବେଦନକାରୀ ପକ୍ଷରୁ ପ୍ରଭାକରନ୍ ଏବଂ ଏସ୍. ରାଜପ୍ପା ।

ଉତ୍ତରଦାତାଙ୍କ ପକ୍ଷରୁ ଏମ୍. ଏନ୍. କ୍ରିଷ୍ଣାମଣି ଏବଂ ରାଜିନ୍ଦର ମାଥୁର ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟାଧୀଶ ଡକ୍ଟର. ଏ ଆର୍ ଲକ୍ଷ୍ମଣନ** 1. ଅନୁମତି ପ୍ରଦାନ କରାଗଲା ।

2. ଶୁଣିଲି ଆବେଦନକାରୀଙ୍କ ପକ୍ଷରୁ ଶ୍ରୀ ପ୍ରଭାକରଣଙ୍କୁ ବିଜ୍ଞ ଓକିଲ ଶ୍ରୀ ଏସ୍. ରାଜପ୍ପାଙ୍କ ସହାୟତାରେ ଏବଂ ଉତ୍ତରଦାତାଙ୍କ ପକ୍ଷରୁ ବିଜ୍ଞ ବରିଷ୍ଠ ଓକିଲ ଶ୍ରୀ ଏମ୍.ଏନ୍. କୃଷ୍ଣମଣି ।

3. CM ( M) ସଂଖ୍ୟା 1720/2004ରେ 10.01.2006 ତାରିଖରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ ବିରୁଦ୍ଧରେ ଉକ୍ତ ଆବେଦନଟି ନିର୍ଦ୍ଦେଶିତ ହୋଇଛି । H.M.A. ମାମଲା ସଂଖ୍ୟା 149/2003ରେ ଦିଲ୍ଲୀର ଅତିରିକ୍ତ ଜିଲ୍ଲା ବିଚାରପତିଙ୍କ ଆଦେଶ ବିରୁଦ୍ଧରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଉକ୍ତ ଦେୱାନୀ ବିବିଧ ଆବେଦନ ଦାଖଲ କରାଯାଇଥିଲା, ଯେଉଁଠାରେ ଉକ୍ତ ନ୍ୟାୟାଳୟ ହିନ୍ଦୁ ବିବାହ ଅଧିନିୟମର ଧାରା 24 ଅନୁଯାୟୀ ଦାଖଲ ହୋଇଥିବା ଆବେଦନର ଫଏସଲା କରିଥିଲେ ଏବଂ ଆବେଦନ ଦାଖଲ ତାରିଖରୁ ପ୍ରତି ମାସରେ 12,000/- ଟଙ୍କା ହାରରେ ମଧ୍ୟବର୍ତ୍ତୀକାଳୀନ ଭରଣପୋଷଣ ସହିତ ମକଦ୍ଦମା ଖର୍ଚ୍ଚ 11,000/- ଟଙ୍କା ସ୍ଥିର କରିଥିଲେ । ଉକ୍ତ ଆଦେଶ ବିରୁଦ୍ଧରେ କ୍ଷୁବ୍ଧ ହୋଇ, ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ CM (M) ସଂଖ୍ୟା 1720/2004 ଦାଖଲ କରାଯାଇଛି । ନଥିରେ ଯୁକ୍ତି ଉପସ୍ଥାପିତ ସମସ୍ତ ସତ୍ୟକଥନ ଏବଂ ଅନ୍ୟାନ୍ୟ ସମସ୍ତ ସଂଲଗ୍ନ ଇତ୍ୟାଦିକୁ ବିଚାର କରି ଉଚ୍ଚ ନ୍ୟାୟାଳୟ ଏହି ଉପସଂହାରରେ ପହଞ୍ଚିଛନ୍ତି ଯେ ବିଚାର କରୁଥିବା ନ୍ୟାୟାଳୟ ସଠିକ୍ ଭାବରେ ଏକ ଉପସଂହାରରେ ପହଞ୍ଚିଛନ୍ତି ଯେ ମଧ୍ୟବର୍ତ୍ତୀକାଳୀନ ଭରଣପୋଷଣ ବାବଦକୁ 12,000 ଟଙ୍କା ପ୍ରଦାନ କରାଯିବା ଉଚିତ ।

4. ଆମେ ଆକ୍ଷେପିତ ଆଦେଶ ଏବଂ ସଂଲଗ୍ନକଗୁଡ଼ିକୁ ମଧ୍ୟ ସତର୍କତାର ସହ ଅନୁଧ୍ୟାନ କରିଛୁ ଏବଂ ଉଭୟ ପକ୍ଷ ପାଇଁ ବିଜ୍ଞ ଓକିଲଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଯୁକ୍ତି ଶୁଣିଅଛୁ । ଆମ ମତରେ, ଆପତ୍ତି ଅଧୀନରେ ଥିବା ଆଦେଶରେ କୌଣସି ତ୍ରୁଟି ନାହିଁ । ତେଣୁ, ଆମେ

ଆବେଦନକାରୀ-ସ୍ୱାମୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ଖାରଜ କରିବାରେ କୌଣସି ଦ୍ୱିଧା କରୁନାହୁଁ । ତଦନୁସାରେ ଆବେଦନକୁ ଖାରଜ କରାଯାଏ ।

5. ଏହି ଆବେଦନର ବିଚାରାଧୀନ ସମୟରେ, ଏହି ନ୍ୟାୟାଳୟ 17.02.2006ରେ ଏକ ମଧ୍ୟବର୍ତ୍ତୀକାଳୀନ ପଦକ୍ଷେପ ଭାବରେ, ଆବେଦନକାରୀଙ୍କୁ ଆବେଦନ ଦାଖଲ ତାରିଖରୁ ଉତ୍ତରଦାତାଙ୍କୁ ପ୍ରତିମାସରେ 8,000 ଟଙ୍କା ପ୍ରଦାନ କରିବାକୁ ଏବଂ ଏହି ଆବେଦନର ଫଏସଲା ପର୍ଯ୍ୟନ୍ତ ଦେୟ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଆବେଦନ ଖାରଜ ହେଉଥିବା ତଥ୍ୟକୁ ଦୃଷ୍ଟିରେ ରଖି, ଉକ୍ତ ମଧ୍ୟବର୍ତ୍ତୀକାଳୀନ ଆଦେଶକୁ ବାତିଲ କରାଯାଇଛି ଏବଂ ଆବେଦନକାରୀ ଏବେ ଦିଲ୍ଲୀର ADJଙ୍କ ଆଦେଶ ଅନୁଯାୟୀ ସମ୍ପୂର୍ଣ୍ଣ ଅର୍ଥରାଶି ଦେବାକୁ ଦାୟୀ ରହିବେ ।

6. ଏହା କୁହାଯାଇଛି ଯେ ଏହି ନ୍ୟାୟାଳୟ ଦ୍ୱାରା ପାରିତ ହୋଇଥିବା ଉକ୍ତ ମଧ୍ୟବର୍ତ୍ତୀକାଳୀନ ଆଦେଶ ମଧ୍ୟ ଅନୁପାଳନ କରାଯାଇନାହିଁ । ଆମେ ଆବେଦନକାରୀଙ୍କୁ ଆଜିଠାରୁ ଦୁଇ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ ବଳକା ରାଶି, ଯଦି ଉତ୍ତରଦାତାଙ୍କୁ କିଛି ଥାଏ, ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଉଛୁ ।

7. ବର୍ତ୍ତମାନ ପାରିତ ଆଦେଶ ଦୃଷ୍ଟିରେ ରଖି, ଅବମାନନା ଆବେଦନ ମଧ୍ୟ ଖାରଜ ହୋଇଛି ।

8. ଆମେ ବିଚାର କରୁଥିବା ନ୍ୟାୟାଳୟକୁ ଆଜିଠାରୁ ତିନି ମାସ ମଧ୍ୟରେ H.M.A. ମାମଲା ସଂଖ୍ୟା 149/2003 ଫଏସଲା କରିବାକୁ ନିର୍ଦ୍ଦେଶ ଦେଉଛୁ ।

କୌଣସି ଖର୍ଚ୍ଚ ନାହିଁ।

ଦେୱାନୀ ଆବେଦନ ଏବଂ ଅବମାନନା ଆବେଦନକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

“ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।”

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।